୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Thursday December 04 ଭୁବନେଶ୍ୱର ଗୁରୁବାର, ୦୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ସାଉଦି ଆରବରେ ଓଡ଼ିଆ ସଂସ୍କୃତିର ମହାସମାବେଶ: 'ଜୟଜଗନ୍ନାଥ' ଧ୍ୱନିରେ କମ୍ପିଲା ଦମାମ



ଦାମାମ,(ପି.ଏନ): ମାତୃ ଭୂମିର ସଂସ୍କୃତିକୁ ବିଦେଶ ମାଟିରେ ବଂଚାଇ ରଖିବାର ସଙ୍କଳ୍ପ ନେଇ ସାଉଦିଆରବର ପ୍ରବାସୀ ଓଡ଼ିଆ ସଂଗଠନ 'କଳିଙ୍ଗାନ'ର ଅଷ୍ଟମ ବାର୍ଷିକ ଉତ୍ସବ ଗତ ନଭେମ୍ବର ୨୧ ତାରିଖ ଦିନ ଦାମାମସହରରେ ଅତ୍ୟନ୍ତ ଉତ୍ସାହ ଓ ଆଧ୍ୟାତ୍ମିକତା ମଧ୍ୟରେ ସମ୍ପନ୍ନ ହୋଇଯାଇଛି । ସାଉଦି ଆରବର ବିଭିନ୍ନ ପ୍ରାନ୍ତରୁ ୬୫୦ରୁ ଅଧିକ ପ୍ରବାସୀ ଓଡ଼ିଆ ପରିବାର ଏହି ମହାସମାବେଶରେ ଏକତ୍ରିତ ହୋଇ ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ପାଳନ କରିଥିଲେ । ମୁଖ୍ୟ ଆକର୍ଷଣ ଓ ଅତିଥିବୃନ୍ଦ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଡ଼ଃ ଦେବ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆମାନଙ୍କ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟକରିବାକୁ ପ୍ରୋତ୍ସାହିତ କରିଥିଲେ । ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଶ୍ରୀଶାଶ୍ୱତ ଯୋଶୀ ଯୋଗଦେଇ ନିଜ କଳାମାଧ୍ୟମରେ ସାଂସ୍କୃତିକ ବନ୍ଧନକୁ ମଜବୁତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଭା ପ୍ରଦର୍ଶନ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଏବଂ ଅନିନ୍ଦିତା ଦାସଙ୍କ ସୁମଧୁର ଓଡ଼ିଆଗୀତ ଏବଂ ହାସ୍ୟ କଳାକାର ଗଜ୍ଜ ଗୁଲୁଆଙ୍କ ଚମତ୍କାର ବ୍ୟଙ୍ଗ ପ୍ରଦର୍ଶନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା । ଯୁବ ଓଡ଼ିଆ ପ୍ରତିଭା ଆଦିତ୍ୟ ମହାନ୍ତି ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ସାଗରିକା ମହାନ୍ତିଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା । ଶାଶ୍ୱତ ଓ ସାଗରିକାଙ୍କ ଦ୍ୱାରା ପରିବେଷିତ 'ରଥ ପଥଯାତ୍ରା ଜଗନ୍ନାଥ' ଅଭିନୟ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିକରିଥିଲା ଏବଂ ସମଗ୍ର କାର୍ଯ୍ୟକ୍ରମ ସ୍ଥଳ 'ଜୟଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ନୂତନ ପ୍ରକଳ୍ପର ଶୁଭାରମ୍ଭ ଓ ପରିଚାଳନା ଏହି ଅବସରରେ କଳିଙ୍ଗାନର ଅଫିସିଆଲ୍ ୱେବସାଇଟ୍ www.kalingans.org ଏବଂ ବାର୍ଷିକ ପତ୍ରିକାର 'ନାରୀଶକ୍ତି' ସଂସ୍କରଣକୁ ଲୋକାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳ ପରିଚାଳନାକଳିଙ୍ଗାନର କୋର୍କମିଟି ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲା । କୋର୍କମିଟିରେ ସରାଫତ୍‌ଶେଖ୍, ସନ୍ତୋଷଦାସ, ବିଶ୍ୱରଞ୍ଜନସାହୁ, ରଞ୍ଜନରଥ, ଶୋଭନମହାନ୍ତି, ସୂର୍ଯ୍ୟକାନ୍ତଦାସ, ଦିଗମ୍ବରମହାଖୁଦ, ଇମତୀୟାଜ୍‌ଅଲ୍ଲୀ, ଅଗଷ୍ଟିନୀର, ବସନ୍ତସାହୁ, ଜ୍ୟୋତିର୍ମୟଦାସ, ଏବଂ ପ୍ରୀତ ମହାନ୍ତି ପ୍ରମୁଖ ସାମିଲ୍ ଥିଲେ । ଏହି ମହାସମାବେଶ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ସାଂସ୍କୃତିକ ବନ୍ଧନକୁ ଆହୁରି ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ।

# ଗଜପତିରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ପାରଳାଖେମୁଣ୍ଡି,(ପି.ଏନ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତିୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସକାଳ ୮ ଘଟିକା ସମୟରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଦିବ୍ୟଙ୍ଗ ବ୍ୟକ୍ତି,ବରିଷ୍ଠ ନାଗରିକ, ଦିବ୍ୟଙ୍ଗଙ୍କ ନିମନ୍ତେ କାମ କରୁଥିବା ଅଣ ସରକାରୀ ସଂସ୍ଥା ର କର୍ମକର୍ତ୍ତା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, କିନ୍ନର ଓ ବିଭାଗୀୟ କର୍ମକର୍ତାଙ୍କ ଗହଣରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ବିଜୁ କଲ୍ୟାଣ ମଣ୍ଡପ ରେ ଶେଷ ହୋଇଥିଲା । ପଦ ଯାତ୍ରାରେ ପାରଳା ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏହାପରେ ଉପସ୍ଥିତ ସମସ୍ତଙ୍କର ପଞ୍ଜୀକରଣ କରାଯାଇ ଏକ ସାଧାରଣ ସଭା ଆୟୋଜନ ହୋଇଯାଇଛି ।ଉକ୍ତ ସଭାରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧକ୍ଷାତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପୃଥ୍ୱୀରାଜ ମଣ୍ଡଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ,ଗଜପତି, ଅନୁପ ପଣ୍ଡା, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି, ଡ଼ାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ , ସନ୍ତୋଷ ରଇତ,ସଭ୍ୟ, ସମର୍ଥ ଭିନ୍ନକ୍ଷମ ସଂସ୍ଥା ପାରଳାଖେମୁଣ୍ଡି , ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି ଓ ଉତ୍ସର୍ଗୀତା ବଡରଇତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ମଂଚସିନ ଥିଲେ । ଜିଲ୍ଲାର ଦିବ୍ୟଙ୍ଗ ମାନଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିବା ଚାରି ଜଣ ବିଶିଷ୍ଟ ବ୍ୟକ୍ତି ଯଥା ଜିତୁ ଶବର,ରାୟଗଡ ବ୍ଲକ, ଜିଖରିଅ ରଇତ,ନୂଆଗଡ ବ୍ଲକ, ଟୁନି ଦୋରା,କାଶିନଗର ବ୍ଲକ ଓ ଗୌତମ ରଇତ,ଗୁମ୍ମା ବ୍ଲକ ରଇତଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଜିଲ୍ଲାର ପାଂଚ ଜଣ ଦମ୍ପତିଙ୍କୁ ବୈବାହିକ ବାବଦକୁ ୨ଲକ୍ଷ ୫୦ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି, ପାଂଚ ଜଣଙ୍କୁ ନୂତନ ଭିନ୍ନକ୍ଷମ ଭତା,ଦୁଇ ଜଣଙ୍କୁ ହ୍ୱଇଲ ଚେୟାର ଓ ଜଣ ଦିବ୍ୟଙ୍ଗଙ୍କ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଦୁଇ ଜଣ ଛାତ୍ରୀଙ୍କୁ ଶିକ୍ଷା ବୃତି ପ୍ରଦାନ କରାଯାଇଥିଲା । ସେହିପରି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମାନଙ୍କ ମଧ୍ୟରେ ସାଧାରଣ ବର୍ଗ ଏବଂ ଭିନ୍ନକ୍ଷମ ବର୍ଗଙ୍କ ନିମନ୍ତେ ପୃଥକ ଭାବେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଓ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମୁକ ଓ ବଧିର ବିଦ୍ୟାଳୟ, ମୋହନା ଏବଂ କ୍ରେଡିଟ ମୁକ ଓ ମାନସିକ ଅନଗ୍ରସର ବିଦ୍ୟାଳୟ, ଯୋଡା ଆମ୍ବ ରେ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା କଳା ପରିଷଦ,ପାରଳାଖେମୁଣ୍ଡି, ଶ୍ରୀ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ର, ପାରଳାଖେମୁଣ୍ଡି, ବିଭିନ୍ନ ବେସରକାରୀ ଅନୁଷ୍ଠାନର ଦିବ୍ୟଙ୍ଗ ଓ କିନ୍ନର କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଭା ଶେଷରେ ଅରୁଣ କୁମାର ଉଦୟଭାନୁ,ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ,ରା.ଉଦୟଗିରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଚାରି ଶହ ରୁ ଉର୍ଦ୍ଧ ଜଣ ଲୋକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଭାରତର ମୁକ୍ତି ସଂଗ୍ରାମକୁ ରମାଦେବୀଙ୍କ ଅବଦାନ ଅତୁଳନୀୟ




ଜଗତସିଂହପୁର,(ପି.ଏନ): ମହତ୍ୱ , ତ୍ୟାଗ, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମା'ରମାଦେବୀ । ସେ ଥିଲେ ସାରା ଦେଶର ଗର୍ବ ଓ ଗୌରବ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଥିଲା ଅତୁଳନୀୟ ବୋଲି ଆଜି ମା'ରମାଦେବୀଙ୍କ ୧୨୬ ତମ ଜୟନ୍ତୀ ପାଳନ ଅବସରରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆୟୋଜିତ ସଭାରେ ଯୋଗଦେଇ ଅତିଥିମାନେ ଏହି ମତ ପୋଷଣ କରିଛନ୍ତି । ସ୍ଥାନୀୟ ମୂଳିସିଂହ ସ୍ଥିତ ସେ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସଭାପତି ତଥା ସ୍ତମ୍ଭକାର ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ଓଡିଶାରେ ନାରୀ ଜାଗରଣର ଅନ୍ୟତମ କର୍ଣ୍ଣଧାର ରମାଦେବୀ ଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା, ଅଧ୍ୟକ୍ଷା ଜ୍ୟୋର୍ତିମୟୀ ମହାରଣା, ଶିକ୍ଷୟିତ୍ରୀ ମୋନାଲିସା ଭଟ୍ଟ, ସୁଦେଷ୍ଣା ଦାସ, ପ୍ରୟଙ୍କା ମଣ୍ଡଳ ଓ ଶିକ୍ଷକ ଅଶୋକ ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇ ମା'ରମାଦେବୀ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ହରିଜନ ସମାବେଶ ଓ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇ ଅନେକ ଥର କାରାବରଣ କରିଥିଲେ । ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ସାରସ୍ୱତ ପରିଷଦ ପକ୍ଷରୁ ମହାପୁରୁଷମାନଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଦେଇଥିଲେ ।

# ବନ୍ଦର ସାଂସ୍କୃତିକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ପୌରପାଳିକା ପକ୍ଷରୁ ନାଟକ 'ସମୟ' ମଂଚସ୍ଥ



ପାରାଦୀପ,(ପି.ଏନ): ସ୍ଥାନୀୟ ଜୟଦେବ ସଦନ ଠାରେ ସଫଳତାର ସହ ଚାଲିଥିବା ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ପାରାଦୀପ ପୌରପାଳିକାର କଳାକାର ମାନଙ୍କ ଦ୍ୱାରା ସାମାଜିକ ନାଟକ 'ସମୟ' ବୁଧବାର ଦିନ ପରିବେଷିତ ହୋଇଯାଇଛି । ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଦ୍ୱାରା ପ୍ରଯୋଜିତ ଏବଂ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ବ୍ୟବସ୍ଥାପନା ରେ ଅନୁଷ୍ଠିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାନ୍ତ ସାହୁ । ଏହି ନାଟକରେ ଶିଶୁରୁ କିଶୋର ଏବଂ ଯୌବନରୁ ବାର୍ଦ୍ଧକ୍ୟ ସମୟ ମଧ୍ୟରେ ଯେତେବେଳେ ସ୍ୱାର୍ଥରେ ବାଧା ସୃଷ୍ଟି ହୁଏ, ସେତେବେଳେ ନିଜ ଲୋକ ପର ଓ ଅଦରକାରୀ ହୋଇଯାଆନ୍ତି ଓ ସମ୍ପର୍କର ମୂଳଦୁଆ ଭୁଶୁଡି ଯାଇଥାଏ । ଏବଂ ଜୀବନର ଛକିଶୂନ ଖେଳରେ କିଏ ନିଜର ଓ କିଏ ପରର ଏବଂ ଜୀବନର ଚିରନ୍ତର ସତ୍ୟକୁ ସମୟର ପଶାପାଲିରେ ଯୁଝିବାର ସାହସ ଏହି 'ସମୟ' ନାଟକରେ କଳାକାର ମାନେ ଅତି ନିଚ୍ଛକ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ । ତେବେ ଏହି ନାଟକ ଉପସ୍ଥିତ ସଂଖ୍ୟାଧିକ ଦର୍ଶକ ମାନଙ୍କୁ ବେସ ଆକର୍ଷିତ କରିଥିବାର ଦେଖିବାକୁ ମିଳିଥିଲା । ଏହି ନାଟକରେ ବିଭିନ୍ନ ଭୂମିକାରେ ଲିଟୁ ପାତ୍ର, ମୂର୍ଚ୍ଛନା ମହାପାତ୍ର ସୌମ୍ୟରଞ୍ଜନ ମଲ୍ଲ, ଶ୍ୱେତାଙ୍କ ସ୍ୱାଇଁ, ବାହାନା ପ୍ରଧାନ, ଲିପ୍ସା, ଗାଲେଖି ସାହୁ, ସିଦ୍ଧାନ୍ତ ସାହୁ, ଆଂଚଲ ଅନ୍‌ବେଶା ମହାନ୍ତି, ତପନ ମହାନ୍ତି ପ୍ରମୁଖ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିବାର ଦେଖିବାକୁ ମିଳିଥିଲା । ତେବେ ଆମ ସଂସ୍କୃତି, ଲୋକକଳା ଓ ସାହିତ୍ୟ କୁ ଉଦଜୀବିତ କରି ରଖିବା ପାଇଁ ଏପରି ସାଂସ୍କୃତିକ ନାଟ୍ୟ ମହୋତ୍ସବ ଉଦ୍ୟମ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# 'ଜିନ୍ଦଲ ଆଶା' ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ



ଅନୁଗୁଳ, (ପି.ଏନ): ଦିବ୍ୟାଙ୍ଗ ପିଲାଙ୍କ ଯତ୍ନ, ଚିକିତ୍ସା ଏବଂ ଶିକ୍ଷା ପାଇଁ ଉତ୍ସର୍ଗୀକୃତ ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ 'ଜିନ୍ଦଲ ଆଶା' ପକ୍ଷରୁ ସୁବ୍ୟବସ୍ଥିତ ଏବଂ ଆକର୍ଷଣୀୟ ଢଙ୍ଗରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ଜିନ୍ଦଲ ଆଶାର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ, ଯେଉଁଥିରେ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଏବଂ ପାରମ୍ପରିକ ନୃତ୍ୟ ସମେତ ଫ୍ୟାନ୍ସି ଡ୍ରେସ୍ ସାମିଲ ଥିଲା । ଏହି ଅବସରେ ଏକ ସାମାଜିକ ସଚେତନତାଧର୍ମୀ ନାଟକ ପ୍ରଦର୍ଶିତ ହୋଇଥିଲା, ଏଥିରେ ଦିବ୍ୟାଙ୍ଗ ପ୍ରତି ସମ୍ବେଦନଶୀଳ ଓ ସହାନୁଭୂତି ପୂର୍ଣ୍ଣ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି ଅବସରରେ 'ଜିନ୍ଦଲ ଆଶା' ପକ୍ଷରୁ ଜିନ୍ଦଲ ନଗର ଟାଉନସିପରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଦିବ୍ୟାଙ୍ଗ ପ୍ରତି ଜାଗରଣ ସୃଷ୍ଟି କରିବା ଏବଂ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା । ସରକାରଙ୍କ ଦ୍ୱାରା ସମର୍ଥିତ ସୁବିଧା ପ୍ରକ୍ରିୟାର ଏକ ଅଂଶ ସ୍ୱରୂପ, ଯୋଗ୍ୟ ହିତାଧିକାରୀମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ବ[ନ କରାଯାଇଥିଲା ଏବଂ ପିଲାମାନଙ୍କୁ ଜିନ୍ଦଲ ଆଶା ପକ୍ଷରୁ ଅନୁଷ୍ଠିତ ହୋଇଥିବା ଚତୁର୍ଥ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା ।ଏହି ଉତ୍ସବରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ । ଯାହା ଏହି ଦିବସକୁ ଆକର୍ଷଣୀୟ, ସମାବେଶୀ ଏବଂ ସ୍ମରଣୀୟ ଭାବରେ ପାଳନ କରିବାରେ ସାହାଯ୍ୟ କରିଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray